# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା ---୨୨୭---/ସୂ.ଲୋ.ସଂ ଡା. ୦୫/୦୪/୨୧---

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦାୟୀତ୍ୱ ଗ୍ରହଣ

ଢେଙ୍କାନାଳ, ତା. ୦୫.୦୪.୨୦୨୧

ଆଜି ଅପରାହ୍ନରେ କଟକ ଜିଲ୍ଲା ବାଙ୍କି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ଶାରଦା ପ୍ରସାଦ ମହାନ୍ତି ପଦୋନ୍ନତି ପାଇ ଢେଙ୍କାନାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଶ୍ରୀ ମହାନ୍ତି ଭାରପ୍ରାପ୍ତ ସୂଚନା ଓ ଲୋକ ସଂମ୍ପର୍କ ଅଧିକାରୀ ଶ୍ରୀ ସୀତାଂଶୁ ଶେଖର ଦାଶଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ମହାନ୍ତି ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସହିତ ଆଠଗଡ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଭାବେ ଅତିରିକ୍ତ ଦାୟୀତ୍ୱ ତୁଲାଇ ଆସିଛନ୍ତି ।

ପ୍ରଥମେ ଜିଲ୍ଲା ସୂଚନା ଓ ଲୋକ ସଂମ୍ପର୍କ ଅଧିକାରୀ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଯୋଗଦାନ ପତ୍ର ଦେଇଥିଲେ । ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ ।

ଏହି ଅବସରରେ କାର୍ଯ୍ୟାଳୟର କର୍ମଚାରୀମାନେ ଶ୍ରୀ ମହାନ୍ତିଙ୍କୁ ଫୁଲୋତଡା ଦେଇ ସ୍ୱାଗତ କରିଥିଲେ ଏବଂ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୀତାଶୁଂ ଶେଖର ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ